# NATIONAL NEWS BULLETIN (ODIA)
## 19th February - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ଅବସରରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ନେଇ ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।

- ଆସାମକୁ ତିନିଦିନିଆ ଗସ୍ତରେ ଯାଇ ଆଜି ରାତିରେ ସିଲ୍‌ଚରଠାରେ ପହଞ୍ଚିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଆଜିଠାରୁ ଆରମ୍ଭ ହୋଇଛି ନୌସେନା ଅଭ୍ୟାସ କାର୍ଯ୍ୟକ୍ରମ ମିଲାନ୍-୨୦୨୬ ।

- ଜାତୀୟ ମାନବାଧିକାର କମିଶନ୍'ର ନାମ ଅପବ୍ୟବହାର ମାଧ୍ୟମରେ ବିଭ୍ରାନ୍ତ କରୁଥିବା ଏନ୍.ଜି.ଓ.ଗୁଡ଼ିକୁ ଚିହ୍ନଟ କରିବାକୁ ଏନ୍.ଏଚ୍.ଆର୍.ସି.ର ନିର୍ଦ୍ଦେଶ ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଫଗାନିସ୍ତାନ ଓ କାନାଡ଼ା ମଧ୍ୟରେ ଜାରି ରହିଛି ଆଜିର ତୃତୀୟ ମ୍ୟାଚ୍ ।

## ପି.ଏମ୍. - ବାଇଲାଟେରାଲ୍ ମିଟିଂସ୍

ନୂଆଦିଲ୍ଲୀରେ ଚାଲିଥିବା ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବୈଠକ କରିଛନ୍ତି । ଆବୁଧାବିର ଯୁବରାଜ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହ୍ୟାଁଙ୍କ ସହ ଶ୍ରୀ ମୋଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ମତ ବିନିମୟ କରିଛନ୍ତି । ହାସଲ ହୋଇଥିବା ପ୍ରଗତି ଉପରେ ମଧ୍ୟ ଉଭୟ ନେତା ସନ୍ତୋଷ ପ୍ରକାଶ କରିଛନ୍ତି । ଦ୍ୱିପାକ୍ଷିକ ରଣନୈତିକ, ସାଂସ୍କୃତିକ, ବାଣିଜ୍ୟିକ, ଶକ୍ତି ଏବଂ ଜନସମ୍ପର୍କ ଆଧାରିତ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଭାରତରେ ସୁପର୍ କମ୍ପ୍ୟୁଟର୍ କ୍ଲଷ୍ଟର ନିୟୋଜନ, ଗୁଜରାଟର ଗିଫ୍ଟ ସିଟିରେ ଆବୁଧାବି ଜାତୀୟ ନ୍ୟାସନାଲ ବୀମା କମ୍ପାନୀର କାର୍ଯ୍ୟାଳୟ ସ୍ଥାପନପାଇଁ ସେଣ୍ଟର ଫର ଡେଭ୍‌ଲପ୍‌ମେଣ୍ଟ ଅଫ୍ ଆଡ୍‌ଭାନ୍ସ କମ୍ପ୍ୟୁଟିଂ ଏବଂ G-4/2 ଏବଂ ମହମ୍ମଦ ବିନ୍ ଜାୟେଦ୍

ବିଶ୍ୱବିଦ୍ୟାଳୟ ଅଫ୍ ଏ.ଆଇ. ମଧ୍ୟରେ ଏକ ବୁଝାମଣା ଚୂଡ଼ାନ୍ତ ହେବା ଆଦି ପ୍ରସଙ୍ଗରେ ଉଭୟ ପକ୍ଷ ଆଲୋଚନା କରିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ନେଦରଲ୍ୟାଣ୍ଡସ୍ ପ୍ରଧାନମନ୍ତ୍ରୀ ଡିକ୍ ସ୍କୁଫ୍, ସ୍ୱିଜରଲାଣ୍ଡ ରାଷ୍ଟ୍ରପତି ଗାଇ ପାରମେଲିନ୍, ହେଲେନିକ୍ ସାଧାରଣତନ୍ତ୍ର କିରିଆକୋସ୍ ମିତ୍‌ସୋଟାକିସ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି ।

## ଶାହା - ଆସାମ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆସାମକୁ ତିନିଦିନିଆ ଗସ୍ତ ଅବସରରେ ଆଜି ରାତିରେ କାଚାର ଜିଲ୍ଲାର ସିଲ୍‌ଚରଠାରେ ପହଞ୍ଚିବେ । ଆସନ୍ତାକାଲି ଭାରତ-ବାଂଲାଦେଶ ସୀମାରେ ଥିବା ସୀମା ସୁରକ୍ଷା ବଳର ନତୁନପୁର ଆଉଟ୍‌ପୋଷ୍ଟ ପରିଦର୍ଶନ କରିବା ସହ ପରିସ୍ଥିତିର ସମୀକ୍ଷା କରିବେ । ଏହି ଅବସରରେ ଶ୍ରୀ ଶାହା ନତୁନପୁଠାରେ ସୀମାନ୍ତ ଭିତ୍ତିଭୂମି ଏବଂ ଜୀବିକା ଆଧାରିତ ଭାଇବ୍ରାଣ୍ଟ ଗ୍ରାମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ବାରାକ ଅଞ୍ଚଳରେ ଦଳୀୟ କର୍ମୀଙ୍କ ଏକ ସମାବେଶକୁ ଶ୍ରୀ ଶାହା ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଆଗାମୀ ଆସାମ ବିଧାନସଭା ନିର୍ବାଚନପାଇଁ ଦଳୀୟ କର୍ମୀଙ୍କୁ ସେ ସାଙ୍ଗଠନିକ କାର୍ଯ୍ୟ ପାଇଁ ପ୍ରୋତ୍ସାହିତ କରିବେ । ଏହାପରେ ଶ୍ରୀ

ଶାହା ତ୍ରିପୁରାର ଅଗରତାଲା ଗସ୍ତ କରିବା ସହିତ ସନ୍ଧ୍ୟାରେ ଆସାମ ପ୍ରତ୍ୟାବର୍ତ୍ତନ କରିବେ । ଗୁଆହାଟୀର ଅର୍ଜୁନ ଭୋଗେଶ୍ୱର ବରୁଣ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଶ୍ରୀ ଶାହା ସି.ଆର.ପି.ଏଫ୍.ର ବାର୍ଷିକ ଉତ୍ସବ ପରେଡ୍‌ରେ ଯୋଗଦେବା ସହିତ ସୋନାପୁରସ୍ଥିତ କାସୁତୋଲିଠାରେ ଦଶମ ଆସାମ ପୁଲିସ୍ ବାଟାଲିୟନ୍‌ର ନୂତନ କ୍ୟାମ୍ପସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

## ଇଣ୍ଡିଆ-ନ୍ୟୁଜିଲାଣ୍ଡ ଜେ.ଡବ୍ଲ୍ୟୁ.ଜି. ମିଟିଂ

ଉଦ୍ୟାନ କୃଷି ଆଧାରିତ ଦ୍ୱିପାକ୍ଷିକ ସହଯୋଗ ନେଇ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଗତବର୍ଷ ମାର୍ଚ୍ଚ ମାସରେ ଉଭୟ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ରର ଅଂଶସ୍ୱରୂପ ଏହି ବୈଠକ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଥିଲା । ଭାରତ ପକ୍ଷରୁ କୃଷି ଓ କୃଷକ କଲ୍ୟାଣ ବିଭାଗର ଉଦ୍ୟାନ କୃଷି ଯୁଗ୍ମ ସଚିବ ପ୍ରିୟ ରଞ୍ଜନ ଏବଂ ନ୍ୟୁଜିଲାଣ୍ଡ ପକ୍ଷରୁ ଦ୍ୱିପାକ୍ଷିକ ସମ୍ପର୍କ ଓ ବାଣିଜ୍ୟ ବିଭାଗର ପରିଚାଳକ ଷ୍ଟିଭ୍ ଆଇଁସ୍‌ୱର୍ଥ ଅଂଶଗ୍ରହଣ କରିଥିଲେ । ଉଦ୍ୟାନ କୃଷିକ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ କେତେକ ଫଳ ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିଭୂତ ନେଇ

ଉଭୟ ପକ୍ଷଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ଏ ସଂକ୍ରାନ୍ତ କାର୍ଯ୍ୟାନ୍ୱୟନ ନେଇ ସମୟସୀମା ନିର୍ଦ୍ଧାରିତ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ହୋଇଛି ।

## ରାଜନାଥ - ମିଲନ୍ ଲକ୍ସରସାଇଜ୍

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ନୌସେନା ଅଭ୍ୟାସ କାର୍ଯ୍ୟକ୍ରମ ମିଲାନ୍-୨୦୨୬ର ତ୍ରୟୋଦଶ ସଂସ୍କରଣ ଆଜି ଆରମ୍ଭ ହୋଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ପ୍ରମୁଖ ବହୁପକ୍ଷୀୟ ଅଭ୍ୟାସର ଶୁଭାରମ୍ଭ କରିଛନ୍ତି । ଶ୍ରୀ ସିଂହ କହିଛନ୍ତି, ଏହି ଅଭ୍ୟାସ ବିଶ୍ୱ ସ୍ତରରେ ଦାୟିତ୍ୱପୂର୍ଣ୍ଣ ସାମୁଦ୍ରିକ ଅଂଶୀଦାର ଭାବେ ଭାରତ ପ୍ରତି ରହିଥିବା ବିଶ୍ୱାସକୁ ପ୍ରତିଫଳନ କରୁଛି । ଚଳିତ ବର୍ଷ ୭୪ଟି ରାଷ୍ଟ୍ର ଏଥିରେ ଅଂଶଗ୍ରହଣ କରୁଛନ୍ତି । ଫଳରେ ଏହି ସଂସ୍କରଣ ଏପର୍ଯ୍ୟନ୍ତ ସବୁଠାରୁ ବ୍ୟାପକ ତଥା ସମାବେଶୀ ସଂସ୍କରଣ ଭାବେ ଉଭା ହୋଇଛି ବୋଲି ଶ୍ରୀ ସିଂହ କହିଛନ୍ତି ।

## ଏନ୍.ଏଚ୍.ଆର୍.ସି. - ନୋଟିସ୍

ଜାତୀୟ ମାନବାଧିକାର କମିଶନ୍ - ଏନ୍.ଏଚ୍.ଆର୍.ସି. ନାମର ଅପବ୍ୟବହାର କରି ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଥିବା ଏନ୍.ଜି.ଓ.ଗୁଡ଼ିକୁ ଚିହ୍ନଟ କରିବାକୁ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି । ଏ ସଂକ୍ରାନ୍ତ ଏକ ରିପୋର୍ଟକୁ

ନିଜଆଡୁ ବିଚାରପାଇଁ ଗ୍ରହଣ କରି କମିଶନ୍ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରିଛି । କମିଶନ୍‌ଙ୍କ ନାମ ଅପବ୍ୟବହାର ମାଧ୍ୟମରେ ଭ୍ରମାତ୍ମକ ସୂଚନା ଯୋଗୁଁ ଜନସାଧାରଣଙ୍କ ବିଶ୍ୱାସ ହ୍ରାସ ପାଇବା ସହ ପାଣ୍ଠିର ଅପବ୍ୟବହାର ନେଇ କମିଶନ୍ ଚିନ୍ତା ପ୍ରକଟ କରିଛନ୍ତି । ଏଭଳି ଏନ୍.ଜି.ଓ.ଗୁଡ଼ିକୁ ଚିହ୍ନଟ କରି ୨ ସପ୍ତାହ ମଧ୍ୟରେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି । ତେବେ କର୍ଣ୍ଣାଟକ ଓ ଦିଲ୍ଲୀର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ୍ ମୁଖ୍ୟଙ୍କୁ ଚିହ୍ନଟ ଏନ୍.ଜି.ଓ.ଗୁଡ଼ିକ ବିରୋଧରେ ଗ୍ରହଣ କରାଯାଇଥିବା ପଦକ୍ଷେପ ନେଇ ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ କହିଛନ୍ତି ।

## ଶିବରାଜ - ଟ୍ରି ପ୍ଲାଣ୍ଟେସନ୍

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ପରିବେଶ ସୁରକ୍ଷାପାଇଁ ଜନସାଧାଣଙ୍କୁ ଚାରାରୋପଣ କରିବାକୁ ଅନୁରୋଧ କରିଛନ୍ତି । ଶ୍ରୀ ସିଂହ ନୂଆଦିଲ୍ଲୀରେ ଚାରାରୋପଣ ୫ ବର୍ଷ ପୂର୍ତ୍ତି ସମାରୋହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଚୌହାନ କହିଛନ୍ତି, ଚାରାରୋପଣ ହେଉଛି

ପରିବେଶ ସୁରକ୍ଷାର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ । ଜନସାଧାରଣ' ଚାରାରୋପଣ ଅଭିଯାନରେ ସାମିଲ୍ ହେବା ସହ ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ବୃକ୍ଷ ବ୍ୟାଙ୍କ୍ ସ୍ଥାପନ କରିବାକୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଏହି ବ୍ୟାଙ୍କ୍‌ଗୁଡ଼ିକ ମାଧ୍ୟମରେ ବୃକ୍ଷ ଚାରା ଉପଲବ୍ଧ ହେବ । ଚାରାରୋପଣ ଏବଂ ଯତ୍ନପାଇଁ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ କରାଯିବ । କାର୍ଯ୍ୟକ୍ରମରେ ଶ୍ରୀ ଚୌହାନ' ୨୦୨୧ ମସିହାରେ ଏହିଦିନ ଆରମ୍ଭ ହୋଇଥିବା ସବୁଜଯାତ୍ରାର ସ୍ମୃତିଚାରଣ କରିଥିଲେ । ନର୍ମଦା ଜୟନ୍ତୀ ଅବସରରେ ସେ ଅମରକଣ୍ଟକରେ ଚାରାରୋପଣ କରିଥିଲେ ଏବଂ ପ୍ରତିଦିନ ଅତିକମ୍‌ରେ ଗୋଟିଏ ଚାରା ରୋପଣ କରିବାକୁ ସଙ୍କଳ୍ପ ନେଇଥିଲେ ।

## ଜୁଏଲ୍ ଓରାମ୍ - ଏନ୍.ସି.ଏସ୍.ଟି.

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ପ୍ରଭାବିତ କରୁଥିବା ରୋଗ ଦୂର କରିବା ଉପରେ ସରକାର ନିରନ୍ତର ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ କହିଛନ୍ତି । ନୂଆଦିଲ୍ଲୀରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗର ୨୩ତମ ପ୍ରତିଷ୍ଠା ଦିବସରେ ଉଦ୍‌ବୋଧନ ଦେଇ ଶ୍ରୀ

ଓରାମ୍ କହିଛନ୍ତି,  ଆୟୋଗ’ ଆଦିବାସୀ ସମ୍ପ୍ରଦାୟର ଅଧିକାରପାଇଁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରୁଛି । ଆୟୋଗ’ ଜମି ବିବାଦ ଭଳି ସମସ୍ୟାର ସମାଧାନ କରି ଆଦିବାସୀ ଲୋକଙ୍କୁ ନିରନ୍ତର ସାହାଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରୁଛନ୍ତି । ଆୟୋଗଙ୍କୁ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ଯୋଗାଇ ଦେବାପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ସମାରୋହରେ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉ୍ୱିକେ ଏବଂ ଅନୁସୂଚିତ ଜନଜାତି  ଜାତୀୟ ଆୟୋଗର ଅଧ୍ୟକ୍ଷର ଅନ୍ତର ସିଂହ ଆର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଉ୍ୱିକେ କହିଛନ୍ତି, ଆଦିବାସୀ ଜନଜାତିଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଅତ୍ୟାଚାର ହ୍ରାସ କରିବାରେ ଆୟୋଗର ଅବଦାନ ଅନନ୍ୟ ।

## ଗୋୟଲ - ଏ.ପି.ଇ.ଡି.ଏ.

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ ଆଜି ତାମିଲ୍‌ନାଡୁରୁ କାନାଡ଼ାକୁ ପ୍ରଥମ ଜି.ଆଇ. ଟ୍ୟାଗ୍ ହୋଇଥିବା ସାଲେମ୍ ସାଗୋ କନ୍‌ସାଇନ୍‌ମେଣ୍ଟକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହିତ କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ ପ୍ରାଧିକରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ୍ କହିଛନ୍ତି, ଏହାଦ୍ୱାରା କୃଷି ରପ୍ତାନୀ

ଅଧିକ ମଜବୁତ ହେବା ସହିତ ଆୟ ମଧ୍ୟ ବୃଦ୍ଧି ଘଟିବ । ମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ତାପିଓକା ସାଗୋ ଚାଷରେ ନିୟୋଜିତ ଆଦିବାସୀ ସମ୍ପ୍ରଦାୟ ସମେତ ଅନେକ ଚାଷୀଙ୍କପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି କରିବ । ଭାରତର ଜି.ଆଇ. ଟ୍ୟାଗ୍ ହୋଇଥିବା କୃଷି ଉତ୍ପାଦକୁ ବିଶ୍ୱ ବଜାରରେ ପହଞ୍ଚାଇବାପାଇଁ ଏକ ଉତ୍ତମ ପଦକ୍ଷେପ ବୋଲି ମନ୍ତ୍ରୀ କହିଛନ୍ତି ।

## ୟୁନ୍ - ଲାଇଫ୍ ଇମ୍ପ୍ରିଜନ୍‌ମେଣ୍ଟ

ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲ୍‌ଙ୍କୁ ସିଓଲ୍‌ର ଏକ ଅଦାଲତ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି । ୨୦୨୪ରେ ସାମରିକ ଆଇନ ଲାଗୁ କରିବା ନେଇ ବିଫଳ ପ୍ରୟାସ ଅଭିଯୋଗ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି କୋର୍ଟ ଆଜି ଏହି ନିଷ୍ପତ୍ତି ପ୍ରଦାନ କରିଛନ୍ତି । ପୂର୍ବରୁ ମାମଲାରେ ସିଓଲ୍‌ର ଏହି କେନ୍ଦ୍ରୀୟ ଜିଲ୍ଲା ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା । ତେବେ ସ୍ୱତନ୍ତ୍ର ସରକାରୀ ଓକିଲଙ୍କଦ୍ୱାରା ସୁପାରିସ ହୋଇଥିବା ମୃତ୍ୟୁ ଦଣ୍ଡାଦେଶ ବଦଳରେ କୋର୍ଟ ଶ୍ରୀ ୟୋଲ୍‌ଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ସାମରିକ ଆଇନ ନିର୍ଦ୍ଦେଶ ଏକ ବିଦ୍ରୋହ ଥିଲା ଏବଂ ଏହା ମାଧ୍ୟମରେ ପୂର୍ବତନ ରାଷ୍ଟ୍ରପତି ଶ୍ରୀ ୟୋଲ୍ ସଂସଦ ପରିସରକୁ

ସୈନ୍ୟ ପଠାଇ ଜାତୀୟ ସଂସଦକୁ ଅଚଳ କରିବାକୁ ଚେଷ୍ଟା କରିଥିଲେ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ।

## ପାକିସ୍ତାନ - ବ୍ଲାଷ୍ଟ

ପାକିସ୍ତାନରେ ଏକ ଆବାସିକ କୋଠାରେ ଗ୍ୟାସ୍ ଲିକ୍ ଯୋଗୁଁ ବିସ୍ଫୋରଣ ଘଟି ୯ ଜଣ ଶିଶୁଙ୍କ ସମେତ ୧୬ ଜଣଙ୍କର ପ୍ରାଣହାନି ଘଟିଥିବାବେଳେ ୧୪ ଜଣ ଆହତ ହୋଇଛନ୍ତି । କରାଚିର ପୁରୁଣା ସୋଲ୍‌ଜର ବଜାର ଅଞ୍ଚଳର ଏକ କୋଠାର ପ୍ରଥମ ମହଲାରେ ସେହରୀପାଇଁ ଲୋକମାନେ ପ୍ରସ୍ତୁତ ହେଉଥିବାବେଳେ ଏହି ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ଯୋଗୁଁ କୋଠାଘରଟି ଆଂଶିକ ଭାବେ ଭୁଶୁଡ଼ି ପଡ଼ିଛି । ଉଦ୍ଧାରକାରୀ ଦଳ ଭଗ୍ନାବଶେଷରୁ ଏବେ ବି ଖୋଜାଖୋଜି କାର୍ଯ୍ୟ ଅବ୍ୟାହତ ରଖିଛନ୍ତି ।

## କ୍ରିକେଟ୍ - ଟି-୨୦

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ତୃତୀୟ ମ୍ୟାଚ୍ ଆଫଗାନିସ୍ତାନ ଓ କାନାଡ଼ା ମଧ୍ୟରେ ଜାରି ରହିଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ

କାନାଡ଼ା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଆଫଗାନିସ୍ତାନ ୨ ଓଭର୍‌ରେ କୌଣସି ୱିକେଟ୍ ନ ହରାଇ ୧୪ ରନ୍ ସଂଗ୍ରହ କରିଛି ।

ଆଜି ଅନୁଷ୍ଠିତ ଅନ୍ୟ ଦୁଇଟି ମ୍ୟାଚ୍‌ରେ ଜିମ୍ବାୱେ ଏବଂ ୱେଷ୍ଟଇଣ୍ଡିଜ୍ ବିଜୟୀ ହୋଇଛନ୍ତି । କୋଲ୍‌କାତାରେ ଖେଳାଯାଇଥିବା ଗ୍ରୁପ୍-ସି' ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଇଟାଲୀକୁ ୪୨ ରନ୍‌ରେ ପରାସ୍ତ କରିଛି । ଅପରାହ୍ଣ ୩ଟାରେ କଲମ୍ବୋରେ ଖେଳାଯାଇଥିବା ମ୍ୟାଚ୍‌ରେ ଜିମ୍ବାୱେ ଶ୍ରୀଲଙ୍କାକୁ ୬ ୱିକେଟ୍‌ରେ ପରାସ୍ତ କରିଛି ।

*****